## ସଂକ୍ଷେପରେ

### ଖଣି ଅଞ୍ଚଳରେ ପରୀକ୍ଷା ଦେଲେ ୧୫୬ ଛାତ୍ରୀଛାତ୍ର, ଅନୁପସ୍ଥିତ ରହିଲେ ୧୪

**କାଳିଆପାଣି,୨୦।୨(ଅସିତ ମହାନ୍ତ):**

ସୁକିନ୍ଦା ବ୍ଲକ ଅଧୀନ ଟାଟା ଷ୍ଟିଲ କଲୋନୀ ପରିସରରେ ଥିବା ଶ୍ରମଶକ୍ତି ହାଇସ୍କୁଲରେ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଛି। ଏଠାରେ ୧୭୦ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ୧୪ ଜଣ ଅନୁପସ୍ଥିତ ରହିଛନ୍ତି। ଫଳରେ ମୋଟ୍ ୧୫୬ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ପରୀକ୍ଷା କେନ୍ଦ୍ର ସୁପରିଟେଣ୍ଡେଣ୍ଟ ପ୍ରକାଶ କରିଛନ୍ତି। ଏଠାରେ କାଳିଆପାଣି ହାଇସ୍କୁଲର ୬୨ଜଣ ପରୀକ୍ଷା ଦେବାକୁ ଥିବାବେଳେ ୪ ଜଣ ଅନୁପସ୍ଥିତ ରହିଛନ୍ତି। ସୌରିକ ହାଇସ୍କୁଲ ଚିଙ୍ଗୁଡ଼ିପାଳର ୫୧ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୩ ଜଣ ଅନୁପସ୍ଥିତ ରହିଛନ୍ତି। ଏନ୍‌ଜିବିଏମ ସାରୁଅବିଲ ହାଇସ୍କୁଲର ୫୭ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୬ ଜଣ ରେଗୁଲାର ଓ ଜଣେ ଏକ୍ସ ରେଗୁଲାର ଛାତ୍ର ଅନୁପସ୍ଥିତ ରହିଛନ୍ତି। ପରୀକ୍ଷା ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଥିବା ସୂଚନା ମିଳିଛି।

# ଧର୍ମଶାଳା ବ୍ଲକରେ ୮୯ ମାଟ୍ରିକ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଧର୍ମଶାଳା,୨୦।୨(ବଟକୃଷ୍ଣ ପରିଡ଼ା):**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ମାତୃଭାଷା ସାହିତ୍ୟ ବିଷୟରେ ପରୀକ୍ଷା ଅନୁଷ୍ଠିତ ହୋଇଛି। ଏଥିପାଇଁ ଧର୍ମଶାଳା ବ୍ଲକରେ ୧୮ ପରୀକ୍ଷା କେନ୍ଦ୍ର କରାଯାଇଛି। ପ୍ରଥମ ଦିନରେ ୮୯ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି। ବ୍ଲକର ୨୯୧୯ ରେଗୁଲାର ଓ ଏକ୍ସ ରେଗୁଲାର ମଧ୍ୟରୁ ୬୨ ଏବଂ ମଧ୍ୟମାରେ ୧୩୧ଜଣଙ୍କ ମଧ୍ୟରୁ ୨୭ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ଉଭୟରେ ମୋଟ୍ ୨୯୬୧ ଜଣ ପରୀକ୍ଷା ଦେଇଛନ୍ତି। ବଳରାମପୁର ହାଇସ୍କୁଲରେ ୧୯୧ ଜଣଙ୍କ ମଧ୍ୟରୁ ୧ ଜଣ, ଧର୍ମଶାଳା ବାଣୀପୀଠରେ ମଧ୍ୟମା ପରୀକ୍ଷାରେ ୪୦ଜଣଙ୍କ ମଧ୍ୟରୁ ୭ ଜଣ ଅନୁପସ୍ଥିତ ରହିଛନ୍ତି। ମୁରାରୀପୁରସ୍ଥିତ ଗୋପାଳଜୀଉ ହାଇସ୍କୁଲରେ ୧୪୫ଜଣଙ୍କ ମଧ୍ୟରୁ ୧୨, ମହିଶରାସ୍ଥିତ ହିଙ୍ଗୁଳା ବିଦ୍ୟାପୀଠରେ ୧୪୪ ମଧ୍ୟରୁ ୨, କୋଟପୁରସ୍ଥିତ ଜାଗୁଲାଇ ହାଇସ୍କୁଲରେ ମଧ୍ୟମାରେ ୧୭ ଜଣଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ରହିଛନ୍ତି। ଜେନାପୁର ହାଇସ୍କୁଲରେ ୧୫୩ ଜଣଙ୍କ ମଧ୍ୟରୁ ୫, କାବାଟବନ୍ଧ ହାଇସ୍କୁଲରେ ୨୧୪ରୁ ୩, କାଏମାସ୍ଥିତ ଲାଲବାହାଦୁର ହାଇସ୍କୁଲରେ ୨୨୦ରୁ ୪, ମଧୁପୁରଗଡ଼ ହାଇସ୍କୁଲରେ ୧୩୧ରୁ ୧୯ ମାଟ୍ରିକ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ନେଉପୁରସ୍ଥିତ ନୀଳସୁନ୍ଦର ହାଇସ୍କୁଲରେ ୧୫୨ରୁ ୧ଜଣ, ରେଖିଦେଇପୁରସ୍ଥିତ ପଞ୍ଚାୟତ ହାଇସ୍କୁଲରେ ୧୪୧ରୁ ୨, ଅଣ୍ଡିଆସ୍ଥିତ ପଞ୍ଚାୟତ ହିଙ୍ଗୁଳା ବିଦ୍ୟାପୀଠରେ ମଧ୍ୟମା ପରୀକ୍ଷାରେ ୫୨ ଜଣଙ୍କ ମଧ୍ୟରୁ ୧୯, ଶ୍ୟାମସୁନ୍ଦର ହାଇସ୍କୁଲରେ ୧୪୯ରୁ ଜଣେ, ବାଟିଯୋଡ଼ାସ୍ଥିତ ସ୍ୱପ୍ନେଶ୍ୱର ନୋଡାଲରେ ୧୩୮ରୁ ୨ ଓ ଜାରକା ହାଇସ୍କୁଲରେ ୧୯୮ଜଣଙ୍କ ମଧ୍ୟରୁ ୩ ମାଟ୍ରିକ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ଶାନ୍ତି ଶୃଙ୍ଖଳାରେ ପରୀକ୍ଷା ଶେଷ ହୋଇଛି। ୨୨ ତାରିଖରେ ମଧ୍ୟମା ପରୀକ୍ଷାର୍ଥୀଙ୍କ ବ୍ୟାକରଣ ଓ ଦର୍ଶନ, ୨୩ରେ ମାଟ୍ରିକ ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରୀଛାତ୍ରଙ୍କ ଇଂଲିଶ ବିଷୟରେ ପରୀକ୍ଷା ଅନୁଷ୍ଠିତ ହେବ।

**ମାଟ୍ରିକ ପରୀକ୍ଷା ଆରମ୍ଭ**

## ରସୁଲପୁରରେ ୨୪୬୧ ପରୀକ୍ଷାର୍ଥୀ

**ରସୁଲପୁର,୨୦।୨(ରଞ୍ଜିତ ରାଉତ):**

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ରସୁଲପୁର ବ୍ଲକ୍‌ରେ ୧୭ ଉଚ୍ଚ ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର କରାଯାଇଛି। ଉକ୍ତ କେନ୍ଦ୍ରଗୁଡ଼ିକରେ ହାଇସ୍କୁଲ ସାର୍ଟିଫିକେଟ୍ ଓ ମଧ୍ୟମା ବର୍ଗର ୨୪୮୮ ବିଦ୍ୟାର୍ଥୀ ମାତୃଭାଷା ସାହିତ୍ୟ ବିଷୟରେ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତି ହୋଇଥିଲା। ତେବେ ବିଭିନ୍ନ କେନ୍ଦ୍ରରେ ୨୭ଜଣ ଅନୁପସ୍ଥିତ ରହିବାରୁ ୨୪୬୧ ପିଲା ପରୀକ୍ଷା ଦେଇଛନ୍ତି। ୧୪ଟି କେନ୍ଦ୍ରରେ କେବଳ ହାଇସ୍କୁଲ ପିଲାମାନେ ପରୀକ୍ଷା ଦେଇଥିବାବେଳେ କ୍ଷେତ୍ରପାଳ, ଜାବରା, ବନ୍ଧଡ଼ିହ ଆଦି କେନ୍ଦ୍ରରେ ଉଭୟ ହାଇସ୍କୁଲ ଓ ମଧ୍ୟମା ପିଲା ପରୀକ୍ଷା ଦେଇଛନ୍ତି। ମଧ୍ୟମାର ମୋଟ୍ ୫୫ଜଣଙ୍କ ମଧ୍ୟରୁ ୪୩ଜଣ ପରୀକ୍ଷା ଦେଇଥିବାବେଳେ ୧୨ଜଣ ଅନୁପସ୍ଥିତ ରହିଥିବା ଜଣାଯାଇଛି। କ୍ଷେତ୍ରପାଳ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ର କରାଯାଇଛି। ଏଠାରୁ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ୪ଟି ମୋବାଇଲ ଭ୍ୟାନରେ ପ୍ରଶ୍ନପତ୍ର ପଠାଯାଇଛି। ସକାଳ ୮ଟା୩୦ ସୁଧା ପ୍ରତ୍ୟେକ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିଥିଲା। ସକାଳ ୯ଟାରେ ପରୀକ୍ଷା ଆରମ୍ଭ ହୋଇ ୧୧ଟା୩୦ରେ ଶେଷ ହୋଇଥିଲା। ଅପରାହ୍ନ ୨ଟା୩୦ ସୁଧା ଉତ୍ତର ଖାତା ନୋଡାଲ କେନ୍ଦ୍ରରେ ପହଞ୍ଚିଥିଲା। ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଯାଜପୁର ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀମାନଙ୍କ ପକ୍ଷରୁ ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି। ସ୍କ୍ୱାଡ୍‌ମାନେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିବା ସୂଚନା ମିଳିଛି। ବ୍ଲକର ୧୭ ପରୀକ୍ଷା କେନ୍ଦ୍ର ମଧ୍ୟରୁ ୧୬ଟି କ୍ଷେତ୍ରପାଳ ନୋଡାଲ କେନ୍ଦ୍ର ଅଧୀନରେ ରହିଥିବାବେଳେ ଖଣ୍ଡିତର ହାଇସ୍କୁଲ ଯାଜପୁର ଜିଲା ନୋଡାଲ କେନ୍ଦ୍ର ଅଧୀନରେ ରହିଛି।

## ନାରାୟଣ ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ


ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

**ଜେନାପୁର,୨୦।୨(ଅଶୋକ ଦାସ):**

ଧର୍ମଶାଳା ବ୍ଲକ୍ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ନାରାୟଣ ଶୋଭନୀୟ ଶିକ୍ଷାଶ୍ରମର ୨୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶୋଭନୀୟ ଆନ୍ଦୋଳନର ସମ୍ପାଦିକା ଅରୁନ୍ଧତୀ ଦେବୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରେବାଦେବୀ ଶୋଭାନୀୟ ଶିକ୍ଷାଶ୍ରମ କଟକର ପ୍ରଧାନଶିକ୍ଷୟିତ୍ରୀ ବନଲତା ଦେବୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ଆଜିର ଆହ୍ୱାନ ସମ୍ପାଦକ ମାନସ ରଞ୍ଜନ ଜେନା ଯୋଗଦେଇ କୁମାର ଭାଇଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ପ୍ରତ୍ୟେକ ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କଲେ ସେମାନେ ଭଲ ମଣିଷ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପଦ୍ମନାଭ ଶତପଥୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ମଲ୍ଲିକ ଯୋଗ ଦେଇଥିଲେ। ପରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ସମ୍ପାଦକ ବିଷ୍ଣୁପ୍ରସାଦ ଶତପଥୀ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାଶ୍ରମର ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ। ପିଲାଙ୍କ ଦ୍ୱାରା ରଙ୍ଗାରଙ୍ଗ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷାଶ୍ରମ ପ୍ରଧାନଶିକ୍ଷୟିତ୍ରୀ ସୁଧାଂଶୁବାଳା ଶତପଥୀ ଧନ୍ୟବାଦ ଦେଇଥିଲେ।

### ରାଶନକାର୍ଡହିତାଧିକାରୀଙ୍କୁ ବ୍ୟାଗ, ଅର୍ଥରାଶି ବଣ୍ଟନ

**ବଡ଼ଚଣା,୨୦।୨(ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମଙ୍ଗଳବାର ରାଶନକାର୍ଡ ହିତାଧିକାରୀଙ୍କୁ ୨ ଖୋଟ ବ୍ୟାଗ ସହିତ ଏକ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ସଞ୍ଜୟ ସ୍ୱାଇଁ, ନିରଞ୍ଜନ ସେନାପତି, ସରପଞ୍ଚ ଜୟନ୍ତୀ ସ୍ୱାଇଁ, ରାଜଲକ୍ଷ୍ମୀ ମହାନ୍ତି, ସମିତିସଭ୍ୟ ମଧୁସୂଦନ ବଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସୁଙ୍ଗୁଡ଼ା, ଧାନମଣ୍ଡଳ, ବଡ଼ଚଣା, ଚଣ୍ଡିତଳ, ରାଧାଦେଇପୁର, ଅରଖପୁର ଓ ଖଇରା ପଞ୍ଚାୟତର ୮୭ ଜଣ ହିତାଧିକାରୀଙ୍କୁ ବ୍ୟାଗ ଓ ଟଙ୍କା ବଣ୍ଟନ କରାଯାଇଥିଲା।

# ବ୍ୟାସସରୋବର ମହୋତ୍ସବ ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଯାଜପୁରରୋଡ୍,୨୦।୨ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗରର ପୁରାଣ ପ୍ରସିଦ୍ଧ ବ୍ୟାସ ସରୋବର ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯାଜପୁର ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପୌରପରିଷଦ ଅଧ୍ୟକ୍ଷା ସଂଗୀତା ପିଙ୍ଗୁଆଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥିଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଯୋଗଦେଇ ବ୍ୟାସ ସରୋବର ଐତିହ୍ୟ ଓ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ।

ସକାଳୁ ବ୍ୟାସ ମିନି ମାରାଥନରୁ ମହୋତ୍ସବର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଟାଟା ଷ୍ଟିଲ ପ୍ରାୟୋଜିତରେ ସ୍ଥାନୀୟ ରାଜୀବ ଗାନ୍ଧୀ ଷ୍ଟାଡିୟମଠାରୁ ବ୍ୟାସସରୋବର ପର୍ଯ୍ୟନ୍ତ ଏହି ମାରାଥନର ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ବିଭିନ୍ନ ବର୍ଗର ମହିଳା ଓ ପୁରୁଷ ପ୍ରତିଯୋଗୀ ଭାଗ ନେଇଥିଲେ। ମାରାଥନକୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ମାରାଥନରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅର୍ଜନ କରିଥିବା କ୍ରୀଡ଼ାବିତଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ପୌର ପରିଷଦର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଆସିଲେନି ଏମ୍‌ପି, ବିଧାୟକ

ଉଦ୍‌ଘାଟନୀ ସନ୍ଧ୍ୟାରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠି ଏବଂ କୋରେଇ ବିଧାୟକ ଅଶୋକ କୁମାର ବଳ ଯୋଗଦେବାକୁ ପୌରପରିଷଦ ପକ୍ଷରୁ ସୂଚନା ଦିଆଯାଇଥିଲେ ସୁଦ୍ଧା ଉତ୍ସବରେ ସେମାନେ ଯୋଗ ଦେଇ ନ ଥିଲେ। ଏହା ସହ ସଂଖ୍ୟାଧିକ କାଉନସିଲର ମଧ୍ୟ ଯୋଗ ଦେଇ ନ ଥିଲେ। ମହୋତ୍ସବ ପୂର୍ବରୁ ପୌରାଧ୍ୟକ୍ଷା କୌଣସି ପ୍ରସ୍ତୁତି ବୈଠକ ନ କରି ଏକ ୫ ଜଣିଆ ମହୋତ୍ସବ କମିଟି ଗଠନ କରି ସମସ୍ତ ନିଷ୍ପତ୍ତି ନେଉଥିବା କେତେଜଣ କାଉନସିଲର ଅଭିଯୋଗ ଆଣିଛନ୍ତି। ଏହାଦ୍ୱାରା ମହୋତ୍ସବରେ ଖର୍ଚ୍ଚ ହେବାକୁ ଥିବା ଅର୍ଥ ଆତ୍ମସାତ ସହଜ ହେବ ବୋଲି ମଧ୍ୟ ଅଭିଯୋଗ ହେଉଛି।

### ମା'ଅଙ୍ଗେଶ୍ୱରୀଙ୍କ ମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା

**ରସୁଲପୁର,୨୦।୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗ ଗ୍ରାମର ଆରାଧ୍ୟ ଦେବୀ ମା'ଅଙ୍ଗେଶ୍ୱରୀଙ୍କ ମନ୍ଦିରରେ ନୂତନ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ପଣ୍ଡିତ ବିଜୟ କରଙ୍କ ନେତୃତ୍ୱରେ ପୂଜା କାର୍ଯ୍ୟ ପରିଚାଳନା ହୋଇଥିଲା। କର୍ତ୍ତା ଜଳଧର ଦାଶ, ବସନ୍ତ ପଣ୍ଡା ସତ୍ୱିକ ପୂଜା କାର୍ଯ୍ୟକୁ ପରିଚାଳନା କରିଥିଲେ। ମା'ଙ୍କୁ ପାରମ୍ପାରିକ ରୀତିନୀତି ସହ ପୂଜା କରାଯାଇଥିଲା। ଯଜ୍ଞ ପୂର୍ବରୁ ସୂର୍ଯ୍ୟପୂଜା, ଗୋପୂଜା, ବିଗ୍ରହଙ୍କ ଅଭିଷେକ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଯଜ୍ଞଉତ୍ସବରେ ୧୦୦୮ ଘୃତ ଆହୂତି ପ୍ରଦାନ କରାଯାଇଥିଲା। କମିଟି କାର୍ଯ୍ୟକର୍ତ୍ତା ନିରଞ୍ଜନ ପଣ୍ଡା, ନାରାୟଣ ସ୍ୱାଇଁ, ରବୀନ୍ଦ୍ର ଦାଶ, ରାଧାନାଥ ଦାଶ, ପର୍ଶୁରାମ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, କୈଳାଶ ଦାଶ, ବ୍ରଜକିଶୋର



ସ୍ୱାଇଁ, ଶ୍ୟାମସୁନ୍ଦର ଦାଶ, ରଞ୍ଜିତ ଦାଶ, ଦୀପ୍ତିରଞ୍ଜନ ଦାଶ, ବିଭୂତି ଦାଶ, କେଶବ ପଣ୍ଡା, ରବୀନ୍ଦ୍ର ପରିଡ଼ା, ଚିତ୍ତରଞ୍ଜନ ଦାଶ, ଅରୁଣ ଦାଶ, ଆର୍ତ୍ତ ପରିଡ଼ା, ପ୍ରଫୁଲ୍ଲ ପରିଡ଼ା, ଭୀମସେନ ମଲ୍ଲିକ, ଅକ୍ଷୟ ସ୍ୱାଇଁ, ଅମର କର ଓ କେଶବ ପରିଡ଼ାଙ୍କ ସମେତ ବହୁ ଗ୍ରାମବାସୀ ଯୋଗଦେଇ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ପରିଚାଳନା କରିଥିଲେ। ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପ୍ରତିଷ୍ଠାତା ଇଂ. ତପନ ଷଡ଼ଙ୍ଗୀ, ଦିଲୀପ ପାଣି ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ସନ୍ଧ୍ୟାରେ ନାନା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି


ଦୁର୍ଯ୍ୟୋଧନ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥି।

**ଧର୍ମଶାଳା,୨୦।୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଜାମୁବଣିଆଁଠାରେ କୃଷି ବିଭାଗର ଅବସରପ୍ରାପ୍ତ କର୍ମଚାରୀ ତଥା ସାମାଜିକ କର୍ମୀ ଦୁର୍ଯ୍ୟୋଧନ ବିଶ୍ୱାଳଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଡ. ପ୍ରଶାନ୍ତ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ପଲେଇ, ଶିକ୍ଷକ ନେତା ଅଭିରାମ ନନ୍ଦ ଓ ଅଶୋକ ନନ୍ଦ ପ୍ରମୁଖ ଯୋଗଦେଇ ବିଶ୍ୱାଳ ୨୦୦୨ରେ ଚାକିରିରୁ ଅବସର ଗ୍ରହଣ କରି ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସଂଘମିତ୍ରା ବିଶ୍ୱାଳ, ରାଜୀବ ଲୋଚନ ଦାସ, ବାବାଜୀ ଚରଣ ବିଶ୍ୱାଳ, ମହିର ବିଶ୍ୱାଳ, ସତ୍ୟବ୍ରତ ଦାସ, ଶିକ୍ଷକ ନେତା ଯୁଗଳ କିଶୋର ଦାସ, ଲଲାଟେନ୍ଦୁ ବିଶ୍ୱାଳ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ବିଶ୍ୱାଳଙ୍କ ଜୀବନଧାରା ଉପରେ ଆଲୋକପାତ କରିଥିଲେ। ତାଙ୍କ ପୁତ୍ର ସରୋଜ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।


**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୦୩ ତାରିଖ: ୧୯।୦୨।୨୦୨୪**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୦୨୪-୦୩ | ୦୪।୦୩।୨୦୨୪ | ୧୨.୦୦ ଘ. | ୧୫.୦୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-1152) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ


### କୋରାବନ୍ଦୀଠାରେ ସଚେତନତା ଶିବିର

**ରଗଡ଼ି,୨୦।୨(ଜତିଶ କୁମାର ମଲ୍ଲିକ):**

କୋରେଇ ବ୍ଲକ ଅଧୀନ ଅନ୍ଧାରୀ ପଞ୍ଚାୟତର କୋରାବନ୍ଦୀ ବିଦ୍ୟାଳୟ ନିକଟରେ ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରାଜେନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳେଇ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଯୋଜନା ଓ ମିଶନ ଶକ୍ତିର ଦାୟିତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ସସ୍ମିତା ତରେଇ, ଅଭୟ ମହାନ୍ତି, ବ୍ୟାସନଗର ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲେ। ଗ୍ରାମର ଅଜୟ ବରାଳ, ଜତିଶ ମଲ୍ଲିକ, ପଛିକୋଟ ସରପଞ୍ଚଙ୍କ ପ୍ରତିନିଧି ଦିଲୀପ ସ୍ୱାଇଁ, ପଞ୍ଚାନନ ଆଚାର୍ଯ୍ୟ, ଅଜୟ ସ୍ୱାଇଁ, ଗଣେଶ୍ୱର ଦାସ, ଯୁବନେତା ଆଲୋକ ରାଉତ, ଶୁଭ୍ରାଂଶୁ ବରାଳ, କାନ୍ତର ସରପଞ୍ଚ ସାରଙ୍ଗ ପ୍ରଧାନ, ତଳଗଡ଼ ପୂର୍ବତନ ସରପଞ୍ଚ ଅଞ୍ଜନ ନାୟକ ଓ ଗ୍ରାମର ଶତାଧିକ ମିଶନ ଶକ୍ତି ମହିଳା ଯୋଗଦେଇ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକମାନଙ୍କୁ ପରିଚୟ ପତ୍ର ପ୍ରଦାନ

**ଯାଜପୁର ସଦର,୨୦।୨ (ସମର ବିଜୟ ଶରଣ)**

ଯାଜପୁର ସଦର ଥାନା ପରିସରରେ ବରିଷ୍ଠ ନାଗରିକ ମଞ୍ଚ ଯାଜପୁର ସଦର ଶାଖା ଓ ଜିଲା ପୋଲିସ ମିଳିତ ଉଦ୍ୟମରେ ପରିଚୟ ପତ୍ର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସଦର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗଦାଧର ରାଉତ ଅଧ୍ୟକ୍ଷତା କରିଥିଲେ। ମଞ୍ଚର ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଓଝା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ସୁବିଧା ଯୋଗାଇ ଦେବା ଦରେ ପ୍ରଶାସନ ତତ୍ପର ଅଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ସମ୍ମାନିତ ଅତିଥି ଭାବେ ବିଜେଡି ନେତା ଅମିତ ରାଉତ ଓ ସେକ ଗୋଲାମ ଅଲ୍ଲି ଯୋଗ ଦେଇଥିଲେ। ମହେଶ୍ୱରପୁର ସରପଞ୍ଚ ସୁଜିତ ରାୟ, ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ଉପର ବରୁଆଁ ସମିତିସଭ୍ୟ ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫୬ ଜଣଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସଦର ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀବାଶିଷ ଦାସ ସଭା ସଂଯୋଜନା କରିଥିଲେ।

### ରାଶନ କାର୍ଡ ହିତାଧିକାରୀଙ୍କୁ ଅର୍ଥ ରାଶି, ବ୍ୟାଗ ପ୍ରଦାନ

**ଛତିଆ,୨୦।୨(ସୌମ୍ୟ ରଞ୍ଜନ ସାହୁ):**

ବଡ଼ଚଣା ବ୍ଲକର ଛତିଆ, ନେଳିଆ, ଚମ୍ପାପୁର ଓ ସୋଲର ପଞ୍ଚାୟତର ରାଶନକାର୍ଡହିତାଧିକାରୀଙ୍କୁ ମଙ୍ଗଳବାର ୧ ହଜାର ଟଙ୍କା ଅର୍ଥ ରାଶି ଓ ୨ ବ୍ୟାଗ୍ ପ୍ରଦାନ କରାଯାଇଛି। ଛତିଆ ପିଲିଗ୍ରିମଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ, ସୋଲର ସରପଞ୍ଚ ବିଜୟ ସ୍ୱାଇଁ, ବାସୁଦେବ ସ୍ୱାଇଁ, ଧୀରେନ୍ଦ୍ର ନାଥ, ବିପିନ ବିଶ୍ୱାଳ, ଅମରେଶ ନନ୍ଦ ଓ କୈଳାସ ରାଉତ ପ୍ରମୁଖ ଯୋଗଦେଇ ୨୦୦ ରାଶନକାର୍ଡଧାରୀଙ୍କୁ ଅର୍ଥରାଶି ଓ ବ୍ୟାଗ ପ୍ରଦାନ କରିଥିଲେ।

# ପାତରଅନ୍ତର ନୀତିକୁ ବିରୋଧ

**ପ୍ରସ୍ତାବିତ ଯାଜପୁର ରୋଡ-ଧାମରା ରେଳପଥ ପ୍ରସଙ୍ଗ**

■ ୨୯ରେ ଆନ୍ଦୋଳନ ଚେତାବନୀ

**ଯାଜପୁର,୨୦।୨(ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ରୋଡରୁ ଧାମରା ରେଳପଥ ପ୍ରକଳ୍ପ ଲାଗି ଟଙ୍କା ନାହିଁ। ମାତ୍ର ପୁରୀ-କୋଣାର୍କ ରେଳପଥ ଲାଗି ୪୯୨ କୋଟି ଟଙ୍କ ମଞ୍ଜୁର କରିଛନ୍ତି। ଏହାକୁ ସ୍ୱାଗତ କରୁଥିବାବେଳେ ରେଳମନ୍ତ୍ରୀ ଦୀର୍ଘଦିନର ଦାବି ଯାଜପୁର, ଭଦ୍ରକ ଓ କେନ୍ଦ୍ରାପଡା ଜିଲାବାସୀଙ୍କୁ ପ୍ରତାରିତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ ବୋଲି ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ପରିଷଦର ସଂଯୋଜକ ପଦ୍ମାକର ଗୁରୁ ଏକ ବିଜ୍ଞପ୍ତିରେ ଆହୁରି ଜଣାଇଛନ୍ତି, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ପୁରୀରୁ କୋଣାର୍କ ଦୀର୍ଘ ପ୍ରାୟ ୩୨ କିଲୋମିଟର



ଯାଜପୁର -କେନ୍ଦୁଝର ରୋଡ୍ ରେଳଷ୍ଟେଶନ।

ରେଳପଥକୁ ମଞ୍ଜୁରୀ ଦେବା ସହ ଏହି ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ୪୯୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମାତ୍ର ଯାଜପୁର ରୋଡ-ଧାମରା ଦୀର୍ଘ ପ୍ରାୟ ୯୬ କିଲୋମିଟର ରେଳପଥର ଆରଓଆର ୨୭.୩୭ ପ୍ରତିଶତ ଥିବା ସତ୍ତ୍ୱେ ବଜେଟରେ କିମ୍ବା ଉକ୍ତ ଖବରଦାତା ସମ୍ମିଳନୀରେ କୌଣସି ଅର୍ଥ ଘୋଷଣା ନ କରିବା ପାତର ଅନ୍ତର ନୀତିକୁ ସୂଚାଉଛି।

ଯାଜପୁର ରୋଡ-ଧାମରା ଭାୟା ବିରଜାକ୍ଷେତ୍ର, ଆରଡ଼ି, ଚାନ୍ଦବାଲି, ଭିତରକନିକା ଦେଇ ଧାମରା ପ୍ରକଳ୍ପ ପ୍ରତି ଉପେକ୍ଷା ମନ୍ତ୍ରୀଙ୍କ ବୈମାତୃକ ମାନସିକତାର ପରିଚୟ। ଏହି ରେଳପଥ ନିର୍ମାଣ କରାଗଲେ ଉପରୋକ୍ତ ୩ ଜିଲାର ପ୍ରାୟ ୧୨ ଲକ୍ଷ ଲୋକ ଉପକୃତ ହୋଇ ପାରିବେ। ତେଣୁ ଏହି ପ୍ରସ୍ତାବିତ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ରେଳମନ୍ତ୍ରୀ ଅନ୍ୟୂନ୍ୟ କିଛି ଟଙ୍କା ବି ଘୋଷଣା କରିପାରିଥାନ୍ତେ। ମାତ୍ର ହୀନ ରାଜନୈତିକ ମନୋଭାବ ପୋଷଣ କରି ଏହି ଜିଲାବାସୀଙ୍କ ପ୍ରତି କୁଠାରଘାତ କରିଛନ୍ତି। ଏହି ରେଳପଥର ଅଗ୍ରଗତି ପାଇଁ ଭାଜପା ଓ ବିଜେଡିର କୋଳାକୋଳି ନୀତିରେ ଉଭୟ ଦଳର ନେତାମାନଙ୍କ ନୀରବତା ଆହୁରି ଚକିତ କରୁଛି। ଏହି ୩ ଜିଲାର ଭାଜପା ନେତାମାନେ ଆଗରୁ ଶ୍ରେୟ ନେବାଲାଗି ଯାଜପୁର ରୋଡରୁ ଧାମରା ରେଳପଥ ନିର୍ମାଣ ପାଇଁ ପୋଷ୍ଟର ଓ ହୋର୍ଡିଂ ଲଗାଉଥିଲେ। ମାତ୍ର ବଜେଟ୍ ଘୋଷଣା ପରେ ସେମାନଙ୍କ ଅହେତୁକ ନୀରବତା କେବଳ ହୀନ ରାଜନୈତିକ ଛଡ଼ା ଆଉ କିଛି ନାହିଁ। ରେଳମନ୍ତ୍ରୀଙ୍କ ଏପରି ପାତରଅନ୍ତର ନିଷ୍ପତ୍ତି ବିରୋଧରେ ଆସନ୍ତା ୨୯ ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ପରିଷଦ ପକ୍ଷରୁ ଯାଜପୁର ଟାଉନ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜନ ଜାଗରଣ ସମାବେଶ ଅନୁଷ୍ଠିତ ହେବ। ଏହାସହ ସେହିଦିନ ଧାମରା ଠାରେ ଅପରାହ୍ନ୪ଟା୩୦ରୁ ସନ୍ଧ୍ୟା ୬ ଟା ୩୦ ପର୍ଯ୍ୟନ୍ତ ଜନ ସାଧାରଣ, ବୁଦ୍ଧିଜୀବୀ, ସଚେତନ ନାଗରିକ ମାନଙ୍କୁ ଏକାଠି କରାଯିବ। ରେଳମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯିବ ବୋଲି ପରିଷଦର ସଂଯୋଜକ ଗୁରୁ ଉକ୍ତ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।


**ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ**
**(ଦେବୋତ୍ତର ବିଭାଗ)**

**ନିଲାମ ଇସ୍ତାହାର ସଂଖ୍ୟା ୫୫୦ / ତାରିଖ ତା୧୬।୦୨।୨୦୨୪**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାନ୍ୟବର ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧୀନସ୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଥିବା ଏକମାତ୍ର ଭୋଗ ଦୋକାନକୁ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୨୦।୦୩।୨୦୨୪ରିଖ ଦିବା ଘ.୧୨.୩୦ ମିନିଟ୍ ସମୟରେ ନିଲାମ କରାଯିବ। ଭୋଗ ଦୋକାନର ସର୍ବନିମ୍ନ ମୂଲ୍ୟ ଟ୪୮,୮୪,୨୦୦/- (ଅଠଚାଳିଶ ଲକ୍ଷ ଚଉରାଅଶୀ ହଜାର ଦୁଇଶହ ଟଙ୍କା) ମାତ୍ର ସ୍ଥିର କରାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଏଥିନିମନ୍ତେ ଟ୪,୮୮,୪୨୦/- (ଚାରିଲକ୍ଷ ଅଠାଅଶୀ ହଜାର ଚାରିଶହ କୋଡ଼ିଏ ଟଙ୍କା) ମାତ୍ରର ଅମାନତ ବାବଦକୁ ଅର୍ଥ Executive Officer, Debottar, Dhenkanalଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରସ୍ତୁତ କରି ସର୍ତ୍ତାବଳୀ ଅନୁଯାୟୀ ଉପରୋକ୍ତ ଦିବସର ଦିବା ଘ.୧୦.୩୦ ମିନିଟ୍‌ଠାରୁ ଦିବା ୧୨ ଘଣ୍ଟା ସମୟ ମଧ୍ୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଦାଖଲକରି ନିଲାମରେ ଅଂଶ ଗ୍ରହଣ କରିପାରିବେ। ଅମାନତ ଅର୍ଥ ଦାଖଲ କରିଥିବା ବ୍ୟକ୍ତି ନିଲାମ ସମୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା୨୦।୦୩।୨୦୨୪ରିଖରେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା।

ସର୍ବନିମ୍ନ ମୂଲ୍ୟଠାରୁ କମ୍ ଜଉମୁଦ ନିଲାମ ଦାଖଲ ଦେଇଥିବା ବ୍ୟକ୍ତିଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ। ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ନିଲାମ ଅନୁମୋଦନ କରାଯିବ। ସର୍ବୋଚ୍ଚ ନିଲାମଧାରୀ ସେହିଦିନ ଅର୍ଥାତ ତା୨୦।୦୩।୨୦୨୪ରିଖ ଦିନ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ନିଲାମ ଡାକିଥିବା ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ ଦେବେ। ନଚେତ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ।

ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ ସୁଯୋଗ ଦିଆଯାଇପାରେ। କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି। ଆଗ୍ରହୀ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ନିଲାମ ସମ୍ବନ୍ଧୀୟ ସମସ୍ତ କାଗଜାତ ଟ.୫୦୦/- (ପାଞ୍ଚଶହ ଟଙ୍କା) ମାତ୍ର ଦାଖଲ ଦେଇ ଯେ କୌଣସି କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ପାଇପାରିବେ।

**ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ଆଦେଶ କ୍ରମେ**
**ସ୍ୱା./- ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳ**

## ସଂକ୍ଷେପରେ

### ମାଟ୍ରିକ ପରୀକ୍ଷା: ୩୫୭ ପରୀକ୍ଷାର୍ଥୀ ଅନୁପସ୍ଥିତ

କେନ୍ଦ୍ରାପଡ଼ା,୨୦।୨ (ଜଗନ୍ନାଥ ଧଳ)

ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ମଙ୍ଗଳବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। କେନ୍ଦ୍ରାପଡା ଜିଲାରେ ପ୍ରଥମ ଦିନ ପରୀକ୍ଷାରେ ମୋଟ ୩୫୭ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ଏହି ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଜିଲା ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକଙ୍କ ସୂଚନା ଅନୁଯାୟୀ ମୋଟ ୧୯,୩୩୪ ଜଣ ଛାତ୍ରୀଛାତ୍ର ଏଥିପାଇଁ ଫର୍ମଫିଲପ କରିଥିଲେ। ମାତ୍ର ୧୮,୯୭୭ ଜଣ ପରୀକ୍ଷାର୍ଥୀ ପ୍ରଥମ ଦିନରେ ସାମିଲ ହୋଇଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଜଗତ୍‌ସିଂହପୁର, ୨୦।୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ମହିରା ଗ୍ରାମର ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ ସଦାଶିବ ପାଢ଼ୀ (୯୧) ୧୮ ତାରିଖ ରାତିରେ ତାଙ୍କ ସ୍ଥାନୀୟ ବଡ଼ବଜାରସ୍ଥିତ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ବଡପୁଅ ତଥା ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ପାଢ଼ୀ, ବୋହୂ ନିରୁପମା ପାଢ଼ୀ, ସାନପୁଅ କଟକ କଲେଜର ଅର୍ଥନୀତି ବିଭାଗ ଅଧ୍ୟାପକ ପ୍ରଭାତ କୁମାର ପାଢ଼ୀ, ସାନବୋହୂ ଉଷାରାଣୀ ପାଢ଼ୀ ଓ ନାତି ପ୍ରିୟାଂଶୁ ପ୍ରମୁଖ ଉପସ୍ଥିତ ଥିଲେ। ସେ ଜଣେ ଆଧାତ୍ମିକବାଦୀ, ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କ ପରଲୋକରେ ଜଗତ୍‌ସିଂହପୁର ହକର୍ସ ଆସୋସିଏଶନ, ଖବରଦାତା, ବୁଦ୍ଧିଜୀବୀ ଓ ଅନେକ ଶିକ୍ଷକ ଶୋକ ପ୍ରକାଶ କରିଛନ୍ତି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ପୁଅ ଦେବରାଜ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ପାଢ଼ୀ କଟକ ସଦର ବ୍ଲକ ଚାନ୍ଦୁଲି ପ୍ରାଥମିକ ବିଦ୍ୟାଳୟରେ ଚାକିରି ଜୀବନ ଆରମ୍ଭ କରି ୧୯୯୧ରେ ଅବସର ନେଇଥିଲେ।

### ଶ୍ରୀ ଶ୍ରୀଲକ୍ଷ୍ମୀବରାହ ଜୀଉଙ୍କ ଜନ୍ମୋତ୍ସବ



ଆଳି,୨୦।୨(ବନମାଳୀ ସେନାପତି)

ଆଳିର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀଲକ୍ଷ୍ମୀବରାହ ଜୀଉଙ୍କ ଜନ୍ମୋତ୍ସବ(ବରାହ ଦ୍ୱାଦଶୀ) ମଙ୍ଗଳବାର ମନ୍ଦିର ପରିସରରେ ସ୍ୱତନ୍ତ୍ର ନୀତିକାନ୍ତିରେ ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କ ଏହି ଜନ୍ମବେଶ ଦର୍ଶନ ନିମନ୍ତେ ଆଳି ସମେତ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଗହଳି ଜମିଥିଲା। ଠାକୁରଙ୍କ ଏହି ଦିବସରେ ବିଭିନ୍ନ ନୀତିକାନ୍ତି କରାଯିବା ସହ ରାଜା ବେଶ କରାଯାଇଥିଲା। ଏହି ବରାହ ଦ୍ୱାଦଶୀ ଅବସରରେ ପ୍ରାତଃ ୪ ଟାରେ ପହୁଡ଼ ଆଳତି କରାଯାଇଥିଲା। ପରେ ମଙ୍ଗଳା ଆଳତ, ଠାକୁରଙ୍କର ରାଜା ବେଶ କରାଯାଇଥିଲା। ଏହାପରେ ବରାହ ଦ୍ୱାଦଶୀରେ ବାଲ୍ୟଧୂପ ଯାହାକି ହେଉଛି ଜନ୍ମଧୂପ। ଏହା ବର୍ଷକରେ ଥରେ କରାଯାଏ ବୋଲି ପୂଜକମାନେ କହିଛନ୍ତି। ମଧ୍ୟାହ୍ନରେ ଠାକୁରଙ୍କ ନିକଟରେ ପ୍ରସାଦ ଲାଗି କରାଯିବା ପରେ ପହଡ଼ ପଡିଥିଲା। ସନ୍ଧ୍ୟାରେ ସନ୍ଧ୍ୟାଧୂପ ଓ ରାତିରେ ପ୍ରସାଦ ଧୂପ ହୋଇଥିଲା। ପରେ ଠାକୁରଙ୍କ ପ୍ରିୟ ଭୋଗ କାକରା ସହ ଖିରି, ମାଲପୁଆ, ଲୁଚି ଆଦି ମିଷ୍ଟାନ ଭୋଗ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦେମାଳ ଯୁଥ କ୍ଲବ ଓ ଆଳି ଅଞ୍ଚଳର ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ସହଯୋଗ କରିଥିଲେ।

# ୮ ତହସିଲର ୧୦୨୧ ହିତାଧିକାରୀଙ୍କୁ ମିଳିଲା ତତ୍କାଳ ପଟ୍ଟା

- ୪୮୪୪ ଜଣ ସିକିମ ଚାଷୀଙ୍କୁ ମିଳିଲା ମାଲିକାନା ସ୍ୱତ୍ୱ
- ସିକିମ ସ୍ୱତ୍ୱାଧାରୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଜଗତ୍‌ସିଂହପୁର, ୨୦।୨ (ପ୍ରମୋଦ କୁମାର ନାୟକ)




ଅତିଥିମାନେ ଲୋକଙ୍କୁ ଜମି ପଟ୍ଟା ପ୍ରଦାନ କରୁଛନ୍ତି।

ସିକିମ ଚାଷୀମାନେ ସେମାନଙ୍କ ଦଖଲରେ ଥିବା ଜମି ଉପରେ ସ୍ଥାୟୀ, ବଂଶାନୁକ୍ରମିକ କିମ୍ବା ହସ୍ତାନ୍ତର ଯୋଗ୍ୟ ଅଧିକାର ପାଇ ପାରୁ ନ ଥିଲେ। ଏଣିକି ସିକିମ ଚାଷୀମାନଙ୍କ ଏହି ଦୀର୍ଘଦିନର ସମସ୍ୟା ଦୂର ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସିକିମ ରୟତମାନଙ୍କର ଏହି ଅସୁବିଧା ସମ୍ପର୍କରେ ଅବଗତ ହେଲା ପରେ ତାହାର ସମାଧାନ ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ, ବିଭାଗ ୬।୧।୨୪ରେ ଭୂସଂସ୍କାର ଆଇନ ୧୯୬୦ର ଆବଶ୍ୟକ ସଂଶୋଧନ କରିଛନ୍ତି। ଫଳରେ ଏଣିକି ସିକିମ ଚାଷୀମାନେ ସେମାନଙ୍କ ଦଖଲରେ ଥିବା ଜମିର ସ୍ଥାୟୀ ମାଲିକାନା ସତ୍ତ୍ୱ ଅର୍ଥାତ୍ ପଟ୍ଟା ପାଇପାରିବେ। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ରାଜ୍ୟର ସିକିମ ସତ୍ତ୍ୱାଧିକାରୀଙ୍କୁ ସ୍ଥିତିବାନ ପଟ୍ଟା ପ୍ରଦାନ ସମ୍ପର୍କିତ ଉତ୍ସବର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଅନୁଷ୍ଠିତ ଉତ୍ସବରେ ଜିଲାର ୪,୮୪୪ ଜଣ ଚାଷୀ ଉପକୃତ ହେବେ ବୋଲି ଘୋଷଣା କରାଯାଇଥିଲା। ଯେଉଁମାନଙ୍କ ମଧ୍ୟରୁ ୮ଟି ତହସିଲର ୧୦୨୧ ଜଣ ହିତାଧିକାରୀଙ୍କୁ ତ୍ୱରିତ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଥିଲା। ଯେଉଁଥିରେ ବାଲିକୁଦା ତହସିଲ ଅଞ୍ଚଳର ୧୩୩, ବିରିଡ଼ି ୫୬, ଏରସମା ୧୫୬, ଜଗତ୍‌ସିଂହପୁର ୧୦୯, କୁଜଙ୍ଗ ୧୩୩, ନାଉଗାଁ ୨୦୫, ରଘୁନାଥପୁର ୧୧୮ ଓ ତିର୍ତ୍ତୋଲ ତହସିଲର ୧୧୧ ଜଣ ଚାଷୀ ରହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ସମସ୍ତ ହିତାଧିକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଏମ୍‌ପି ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ଜିଲା ପରିଷଦ ମୁଖ୍ୟ ବିକାଶ ଅଧିକାରୀ ରବିନାରାୟଣ ଜେଠୀଙ୍କ ସମେତ ସମସ୍ତ ବ୍ଲକର ବିଡିଓ, ତହସିଲଦାର ଓ ହିତାଧିକାରୀମାନେ ଉପସ୍ଥିତ ଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ନୂତନ ବ୍ୟବସ୍ଥାର ପ୍ରଶଂସା କରିବା ସହ ରାଜ୍ୟର ଶହସ୍ରାଧିକ ଚାଷୀ ଉପକୃତ ହେବେ ବୋଲି କହିଥିଲେ। ପରେ ଜଗତ୍‌ସିଂହପୁର ତହସିଲ ଅଞ୍ଚଳର ରମେଶ ଚନ୍ଦ୍ର ନାୟକ ଓ କୁନ୍ତୀ ରାଉତ, ବାଲିକୁଦା ତହସିଲର ରବୀନ୍ଦ୍ର ଭୋଇ, କୁଜଙ୍ଗ ତହସିଲର ବିଷ୍ଣୁ ଚରଣ ସ୍ୱାଇଁ ଓ ତିର୍ତ୍ତୋଲ ତହସିଲ ଅଞ୍ଚଳର ଅମୂଲ୍ୟ ଚରଣ ସାହୁଙ୍କୁ ଉପସ୍ଥିତ ଅତିଥିମାନେ ପଟ୍ଟା ଦେଇଥିଲେ। ସୂଚନାଯୋଗ୍ୟ ଯେ, ଜିଲାପାଳ ପାରୁଲ ପଟାଓ୍ୱାରୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅନିତା ପାତ୍ରଙ୍କ ତତ୍ତ୍ୱାବଧାନରେ ଜିଲା ରାଜସ୍ୱ ବିଭାଗ ପକ୍ଷରୁ ସମସ୍ତ ହିତାଧିକାରୀଙ୍କୁ ଆବେଦନ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହି ଅନୁଯାୟୀ ମଙ୍ଗଳବାର ସେମାନଙ୍କୁ ପଟ୍ଟା ପ୍ରଦାନ କରାଯାଇଛି।

# ପାରାଦୀପ ବନ୍ଦର: ୧୯୬୨-୨୦୨୪ ସ୍ମରଣିକା ଉନ୍ମୋଚିତ

ପାରାଦୀପ,୨୦।୨(ଶରତ ରାଉତ)

ପାରାଦୀପ ବନ୍ଦରର ଅବସରପ୍ରାପ୍ତ କର୍ମଚାରୀ କ୍ଲବ ପକ୍ଷରୁ ମଙ୍ଗଳବାର ଏକ ସ୍ମରଣୀକା ପ୍ରକାଶ ପାଇଛି। ଯାହାର ନାମ ରହିଛି ପାରାଦୀପ ୧୯୬୨-୨୦୨୪। ଉକ୍ତ ସ୍ମରଣିକାକୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଉନ୍ମୋଚିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରପ୍ରାପ୍ତ କ୍ଲବର ବରିଷ୍ଠ ସଦସ୍ୟ ତଥା ପୂର୍ବତନ ଅଧ୍ୟକ୍ଷ ପ୍ରଭାତ କୁମାର ମହାନ୍ତି, କ୍ୟାପଟେନ ଉମେଶ ଚନ୍ଦ୍ର ପଟ୍ଟନାୟକ, ଦିବାକର ମହାପାତ୍ର, ବସନ୍ତ ନାୟକ ଉପସ୍ଥିତ ଥିଲେ। ଉକ୍ତ ସ୍ମରଣୀକାରେ ପାରାଦୀପ ବନ୍ଦର ଅତୀତ, ବର୍ତ୍ତମାନ, ସାହିତ୍ୟ ସଂସ୍କୃତି, ପ୍ରଶାସନିକ ବ୍ୟବସ୍ଥା, କ୍ରମବର୍ଦ୍ଧିଷ୍ଣୁ ଶିଳ୍ପାୟନ, ଅର୍ଥନୈତିକ ଅଭିବୃଦ୍ଧି, ସହରୀକରଣ ଓ ପୁରୁଣା ଫଟୋ ଚିତ୍ରକୁ ସ୍ଥାନ ଦିଆଯାଇଛି।



ସ୍ମରଣିକା ଉନ୍ମୋଚନ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଓ ଅନ୍ୟମାନେ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ କଲେ ମନ୍ତ୍ରୀ

ଏରସମା,୨୦।୨( ଦୀପ୍ତି ରଞ୍ଜନ ଖଣ୍ଡୁଆଳ)



ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି।

ଏରସମା ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡାଇ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ଶିଳାନ୍ୟାସ କରିଛନ୍ତି। ବ୍ଲକ ଅନ୍ତର୍ଗତ ସୋମପୁର ପଞ୍ଚାୟତସ୍ଥିତ ବରକୋଳିଅଣ୍ଟା ଗ୍ରାମ ନିକଟରେ ନୂଆ ନଈ ଉପରେ ତଥା ଗୋବିନ୍ଦପୁର-ସୋମପୁର ରାସ୍ତା ଉପରେ ନିର୍ମାଣ କରଯାଇଥିବା ବିଜୁ ସେତୁକୁ ସେ ଉଦ୍‌ଘାଟନ କରିଥିଲେ। ଏଥିରେ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ଏମ୍‌ପି ରାଜଶ୍ରୀ ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରର ଶ୍ରେଣୀ ଗୃହକୁ ମନ୍ତ୍ରୀ ଘଡ଼ାଇ ଉଦ୍‌ଘାଟନ କରିଥିଲେ। ଏଥିରେ ବିଧାୟକ ଦାସ, ଏମ୍‌ପି ମଲ୍ଲିକ, ଜିଲାପରିଷଦ ସ୍ୱାଇଁଙ୍କ ସହ ଉଚ୍ଚଶିକ୍ଷା ବିଭାଗର ଉପଦେଷ୍ଟା ତନ୍ମୟ ସ୍ୱାଇଁ, ସ୍କୁଲ ଓ ଗଣଶିକ୍ଷା ବିଭାଗର ଉପଦେଷ୍ଟା ଶିଶିର ପରିଜା, ଗଭର୍ନିଂବଡି ସଭାପତି ଶକ୍ତି ପ୍ରସନ୍ନ ସାମନ୍ତରାୟ, ଅଧ୍ୟକ୍ଷ ଅଶୋକ କୁମାର ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଏରସମା ବ୍ଲକର କିଆଦା କାଙ୍କଣ ରାସ୍ତାର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି ଏଥିରେ କାଳିଆ ଯୋଜନାର ଉପଦେଷ୍ଟା ସାରଦା ପ୍ରସନ୍ନ ଜେନା, ଜିଲା ପରିଷଦ ସଭ୍ୟା ରାନୀ ଟୁଡୁ, ବିଡିଓ ଲମ୍ବୋଦର ଖୁଣ୍ଟିଆ, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥସାରଥି ରାଉତ, ବ୍ଲକ ଉପାଧ୍ୟକ୍ଷ ବିକାଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବହିଃବିଭାଗ ଗୃହ ନିର୍ମାଣ ପାଇଁ ମନ୍ତ୍ରୀ ଘଡାଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

# ୱାର୍ଡସଭ୍ୟଙ୍କ ଝୁଲନ୍ତା ମୃତଦେହ ଜବତ

କୁଜଙ୍ଗ,୨୦।୨ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ କଙ୍କରଦିଆ ଗାଁରେ ମଙ୍ଗଳବାର ସୁଧାଂଶୁ ସାହୁ (୩୬)ଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୁଧାଂଶୁ ବାମଦେଇପୁର ପଞ୍ଚାୟତ ଅନ୍ତର୍ଗତ ୧୦ ନଂ. ୱାର୍ଡରେ ସଭ୍ୟ ଭାବେ ନିର୍ବାଚିତ ହୋଇ କାର୍ଯ୍ୟରତ ଥିଲେ। ସ୍ତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ସେ ମଙ୍ଗଳବାର ପୂର୍ବାହ୍ନରେ ନିଜ ଶିଶୁ ପୁତ୍ରକୁ ପୋଲିଓ ଟୀକା ଦେବାପାଇଁ ଟିକାଦାନ କେନ୍ଦ୍ରକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗରେ କୌଣସି କାରଣରୁ ସୁଧାଂଶୁ କବାଟ ବନ୍ଦ କରି ଫ୍ୟାନରେ ଝୁଲି ପଡ଼ିଥିଲେ। କିଛି ଘଣ୍ଟା ପରେ ତାଙ୍କ ସ୍ତ୍ରୀ ପହଞ୍ଚି ଘର ପଛପଟୁ କବାଟ ବନ୍ଦ ଥିବା ଦେଖି ଡାକିଥିଲେ। ମାତ୍ର କୌଣସି ଜବାବ୍ ନ ମିଳିବାରୁ ପଡୋଶୀଙ୍କ ସହାୟତାରେ କବାଟ ଖୋଲି ସୁଧାଂଶୁଙ୍କୁ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ତୁରନ୍ତ ତାଙ୍କୁ ବାଲିତୁଠ ପ୍ରାଥମିକ ସାସ୍ଥ୍ୟକେନ୍ଦ୍ର ଓ ପରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ସୁଧାଂଶୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ପୋଲିସ ପହଞ୍ଚି ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ପାରିବାରିକ କଳହରୁ ଏହି ଘଟଣା ଘଟିଥିବା ଆଶଙ୍କା କରାଯାଉଛି।

# ଇଫ୍‌କୋ କାରଖାନାର ତୃତୀୟ ପର୍ଯ୍ୟାୟ ସଲ୍‌ଫରିକ ଏସିଡ୍ ପ୍ଲାଣ୍ଟ ଉଦ୍‌ଘାଟିତ

ପାରାଦୀପ,୨୦।୨(ଶରତ ରାଉତ)

**ବିଶ୍ୱର ପ୍ରଥମ ନାନୋ ତରଳ ସାର ଉତ୍ପାଦନ ଆରମ୍ଭ**

ଭାରତର ବୃହତ୍ ସାର କାରଖାନା ପାରାଦୀପ ୟୁନିଟ୍‌ର ତୃତୀୟ ସଲ୍‌ଫରିକ ଏସିଡ୍ ପ୍ଲାଣ୍ଟକୁ ମଙ୍ଗଳବାର ଇଫ୍‌କୋ ପରିଚାଳନା ନିର୍ଦ୍ଦେଶକ ଉଦୟ ଶଙ୍କର ଅଗସ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହାରାନ୍ଧ, ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, କାରଖାନା ଓ ବାଷ୍ପିତ ବିଭାଗ ନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା ଓ ବିଭିନ୍ନ ବିଭାଗର ଅଧିକାରୀ, କମ୍ପାନୀ ପ୍ରତିନିଧି ଯୋଗ ଦେଇଥିଲେ। ଉକ୍ତ କାରଖାନା ୧୯୯୯ରେ ତତ୍କାଳୀନ ଓସ୍ୱାଲ କମ୍ପାନୀ ଆରମ୍ଭ କରିଥିଲା। ୨୦୦୫ ଅକ୍ଟୋବରରେ ଇଫ୍‌କୋ ଏହାକୁ ଅଧିଗ୍ରହଣ କରିବା ବେଳେ କାରଖାନା ରୁଗ୍‌ଣ ଅବସ୍ଥାରେ ଥିଲା। ଇଫ୍‌କୋ ଏହାକୁ ନବୀକରଣ କରିବା ସହ ଏବେ ବାର୍ଷିକ ୮,୪୦,୫୦୦ ଟନ ସାର ଉତ୍ପାଦନ କରୁଛି। ଏଥିସହ କମ୍ପାନୀ ବିଶ୍ୱର ପ୍ରଥମ ନାନୋ ତରଳ ସାର ଉତ୍ପାଦନ ଆରମ୍ଭ କରିଛି। ଏବେ ଦେଶର ସାର ଉତ୍ପାଦନ କ୍ଷେତ୍ରରେ ଇଫ୍‌କୋର ସାର ୧୪ ପ୍ରତିଶତ ରହିଛି ବୋଲି ଅଗସ୍ତି କହିଛନ୍ତି।




# ମହାକାଳପଡ଼ା ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ଜାରି

ମାର୍ଶାଘାଇ, ୨୦।୨(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବକ୍ତବ୍ୟ ଦେଉଛନ୍ତି।

ଏକ ବିକଶିତ ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଓ ଏହାର ଜନସାଧାରଣଙ୍କ ସାମଗ୍ରିକ ଉନ୍ନତି ମୋର ଲକ୍ଷ୍ୟ। ନବୀନ ସରକାରଙ୍କ ପ୍ରତିଟି ଉନ୍ନୟନ ଯୋଜନା ଯେମିତି ସବୁ ଲୋକଙ୍କ ପାଖରେ ପହଞ୍ଚି ପାରିବ ସେ ସବୁବେଳେ ଉଦ୍ୟମ ଜାରି ରଖିବେ ବୋଲି ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରକାଶ କରିଛନ୍ତି। ମଙ୍ଗଳବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବଟିରା ପଞ୍ଚାୟତର ବରିପଲାଠାରୁ ତିଖିରୀ ପର୍ଯ୍ୟନ୍ତ ପାଇକା ବାମପାର୍ଶ୍ୱ ୫ କିମି ନଦୀବନ୍ଧ ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଉଦ୍‌ଘାଟନ କାର୍ଯ୍ୟରେ ଯୋଗ ଦେଇ ମନ୍ତ୍ରୀ ନାୟକ କହିଛନ୍ତି, ଏ ଅଞ୍ଚଳରେ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା ହେଲେ ବେକାର ଯୁବତୀଯୁବକମାନେ ନିଯୁକ୍ତି ପାଇବେ। କିଛି ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟ ଖୁବ୍ କମ୍‌ଦିନରେ ପୂରା କରାଯିବ। ୩ କୋଟି ୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପିଚୁ ରାସ୍ତା ନିର୍ମାଣ ଦ୍ୱାରା ଗମନାଗମନରେ ବେଶ ସହାୟକ ହୋଇପାରିବ। ଏହି ଅବସରରେ ବଟିରାଠାରେ ପାଇକା ନଦୀବନ୍ଧ ବାମ ପାର୍ଶ୍ୱରେ ୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ପଥର ଛାଉଣି କାର୍ଯ୍ୟର ଶିଳାନ୍ୟାସ ମନ୍ତ୍ରୀ ନାୟକ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, ଜିଲା ବିଜୁ କୃଷକ ସେଲ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ବଟିରା ସରପଞ୍ଚ ମିନତି ଚଇନି, ସମିତି ସଭ୍ୟା ସୁନତି ସାହୁ, ମଙ୍ଗରାଜପୁର ସରପଞ୍ଚ ସୁଜାତା ମଲ୍ଲିକ, ସଭ୍ୟା ସୋନାଲି ମଲ୍ଲିକ, ସରୋଜିନୀ ସେଠୀ, ଗଙ୍ଗାଧର ପରିଡା, ପୂର୍ବତନ ସରପଞ୍ଚ ପ୍ରଦୀପ ନାୟକ, ପଞ୍ଚାୟତ ବିଜେଡି ସଭାପତି ଦୁର୍ଯ୍ୟୋଧନ ଦାସ, ବିଶ୍ୱଜିତ ଦାସ ଯୋଗ ଦେଇଥିଲେ। ରାସ୍ତା ଉଦ୍‌ଘାଟନରେ ପାଟକୁରା ଜଳସମ୍ପଦ ସବ୍‌ଡିଭିଜନର ସହକାରୀ ଯନ୍ତ୍ରୀ ପ୍ରାଣନାଥ ମୁଣ୍ଡା ଓ କୁଳା ସେକ୍ସନ କନିଷ୍ଠ ଯନ୍ତ୍ରୀ ବିଶ୍ୱଜିତ ଦାସ ଉପସ୍ଥିତ ଥିଲେ।

# ସାନଅଡ଼ଙ୍ଗାରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ

ପାଟକୁରା, ୨୦।୨(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଅଧୀନ ସାନଅଡ଼ଙ୍ଗା ପଞ୍ଚାୟତ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ସରପଞ୍ଚ ଅଭୟ ମଲ୍ଲ ଓ ଉପାଧ୍ୟକ୍ଷା ସୌଦାମିନୀ ଆଚାର୍ଯ୍ୟ, ଅଧ୍ୟକ୍ଷ ଅଭୟ ମହାରାଜ ଉଦଘାଟନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟକୁ ନେଇ ଛପା ଯାଇଥିବା ସୂଚନା ପୁସ୍ତିକାକୁ ଅତିଥି ଓ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା।

**ଏସ୍‌ଏଲ୍‌ଆର/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୦୩ ତାରିଖ: ୧୯।୦୨।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୦୨୪-୦୩ | ୦୪।୦୩।୨୦୨୪ | ୧୨.୦୦ ଘ. | ୧୫.୦୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-1152) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

# ସନାତନ ଧର୍ମ ସମ୍ମିଳନୀ, ଭକ୍ତ ମିଳନ ଉତ୍ସବ

ରାଜନଗର, ୨୦।୨(ଭାସ୍କର ରାଉତରାୟ)

ଠାକୁର ଶ୍ରୀ ଶ୍ରୀଅଭିରାମ ପରମହଂସ ଦେବଙ୍କ ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀ ପକ୍ଷରୁ ସନାତନ ଧର୍ମ ସମ୍ମିଳନୀ ଓ ଭକ୍ତ ମିଳନ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ରାଜନଗର ବ୍ଲକର ମହୁଲିଆଠାରେ ଏହି ରାଜ୍ୟସ୍ତରୀୟ ସନାତନ ଧର୍ମ ସମ୍ମିଳନୀରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ହରି କଥା ଶୁଣିଥିଲେ। ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀ ଓ ମହୁଲିଆ ପଞ୍ଚାୟତବାସୀଙ୍କ ମିଳିତ ଆନୁକୂଲ୍ୟରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି। ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରଜ୍ଞାମିଶନ କ୍ରୀୟାଯୋଗ ଆଶ୍ରମ ପୁରୀର ପରମହଂସ ସ୍ୱାମୀ ପ୍ରଜ୍ଞାନାନାନନ୍ଦ ଯୋଗଦେଇ ହରିକଥା ଶ୍ରବଣ ଓ ଚିନ୍ତନ ହିଁ ମୁକ୍ତିର ମାର୍ଗ ବୋଲି କହିଥିଲେ। ଧର୍ମସଭାରେ ବାବାଜୀ ଅନ୍ତର୍ଯ୍ୟାମୀ ଦାସ, ବାବାଜୀ ଭୀମସେନ ଦାସ, ବାବାଜୀ ପରମେଶ୍ୱର ଦାସ, ବାବାଜୀ ସତ୍ୟ ପ୍ରଜ୍ଞାନନ୍ଦ ଦାସ ଓ ସନ୍ଧ୍ୟାରେ ବାବାଜୀ ବିପିନି ବିହାରୀ ଦାସ, ସ୍ୱାମୀ ଅଭିରାମ ସରସ୍ୱତୀ, ଆଚାର୍ଯ୍ୟ ବାବାଜୀ ବିଶ୍ୱନାଥ ଦାସ ପ୍ରମୁଖ ଆଶ୍ରିବଚନ ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟଶାଣି, ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଡ. ମିହିର କୁମାର ପଟ୍ଟନାୟକ, ଚରଣ ଉଦୟ ନାଥ ସାହୁ , ପଣ୍ଡିତ ସଂକର୍ଷଣ ମିଶ୍ର, ପ୍ରଫେସର ରାମାକାନ୍ତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଠାକୁରଙ୍କ ଭଜନ କାର୍ଯ୍ୟକ୍ରମ ସହ ଶ୍ରୀ ଶ୍ରୀଠାକୁରଙ୍କ ଲୀଳାଭିନୟ କାର୍ଯ୍ୟକ୍ରମ, ଗୋଟିପୁଅ ନୃତ୍ୟ, ପାଲା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀର ସଭାପତି ଦିବାକର ପରିଡା, ସେବକ ଅଭୟ ବାବା ମିଳିତ ସହଯୋଗରେ କାର୍ଯ୍ୟ ହୋଇଥିଲା।

# ବୁଲା କୁକୁରଙ୍କ ଆହାର ପାଲଟିଛି ଅଲିଭ ରିଡ୍‌ଲେ କଇଁଛ

ପାରାଦୀପ ୨୦।୨(ଶରତ ରାଉତ)

ପାରାଦୀପ ନିକଟସ୍ଥ ସମୁଦ୍ର କୂଳରେ ଏବେ କିଛି ଦିନ ହେଲା ମୃତ ଅଲିଭରିଡ୍‌ଲେ କଇଁଛ ସଂଖ୍ୟା ଅଧିକ ଦେଖିବାକୁ ମିଳୁଛି। ଉକ୍ତ କଇଁଛଗୁଡ଼ିକୁ ବୁଲା କୁକୁର ଖାଉଛନ୍ତି। ଏପରିସ୍ଥିତି ଯୋଗୁ ବେଳାଭୂମିରେ ଦୁର୍ଗନ୍ଧ ହେଉଛି। ପ୍ରାୟ ୧୫ ଦିନ ହେଲା ଏଭଳି ସ୍ଥିତି ଲାଗିରହିଛି। ଅପରପକ୍ଷେ କଇଁଛ ମରିବାର କାରଣ ଏପର୍ଯ୍ୟନ୍ତ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। କାରଣ ଏପର୍ଯ୍ୟନ୍ତ କୌଣସି ମୃତ କଇଁଛଙ୍କ ବ୍ୟବଚ୍ଛେଦ ହୋଇପାରୁନାହିଁ। ପ୍ରାଣୀଧନ ଚିକିତ୍ସକମାନେ ଆନ୍ଦୋଳନ ଜାରି ରଖିଥିବାରୁ ଏପରି ହୋଇଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଯେଉଁ କଇଁଛଗୁଡିକ କୂଳରେ ମରିପଡ଼ିଛନ୍ତି, ସେଥିରେ କାହାର କ୍ଷତ ରହିଛି ତ କାହା ବେକରେ ଜାଲ ଲାଗିଛି।

ସୂଚନାଯୋଗ୍ୟ, ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବିଶ୍ୱସ୍ତରରେ କଟକଣା ଜାରି କରାଯାଇଛି। ଏପରିକି ଭାରତରେ ପ୍ରତିବର୍ଷ ନଭେମ୍ବର ୧ ରୁ ପରବର୍ଷ ମେ ୩୧ ପର୍ଯ୍ୟନ୍ତ ଉପକୂଳରେ କଟକଣା ଜାରି କରାଯାଏ। ଅର୍ଥାତ୍ କୂଳଠାରୁ ୬ କି.ମି. ସମୁଦ୍ର ପର୍ଯ୍ୟନ୍ତ କୌଣସି ମାଛଧରା ବୋଟ୍ ମାଛ ଧରିବେ ନାହିଁ। ଏଥିସହ ଗହୀରମଥା, ଋଷିକୁଲ୍ୟା ମୁହାଣ, ବରୁଣେଇ ମୁହାଣ ଆଦି ଅଞ୍ଚଳରେ ବୋଟ ଯାତାୟାତ ଉପରେ ଅଙ୍କୁଶ ଲଗାଯାଇଛି। ଏହାସତ୍ତ୍ୱେ କିଛି ମାଛଧରା ବୋଟ ଓ ଛୋଟ ଡଙ୍ଗା ମାଧ୍ୟମରେ କଟକଣା ଅଞ୍ଚଳରେ ମାଛ ଧରାଯାଉଛି। ରାଜନଗର ବନଖଣ୍ଡ ପକ୍ଷରୁ ଅଧିକାଂଶ ସମୟରେ ବୋଟ ମଧ୍ୟ ଜବତ ହେଉଛି। ଫଳରେ ଶତାଧିକ ବିରଳ କଇଁଛ ମରୁଥିବା ଆଶଙ୍କା କରାଯାଉଛି। ଏବେ ସେହି ମୃତ କଇଁଛଗୁଡ଼ିକୁ କୁଜଙ୍ଗ ବନାଞ୍ଚଳ କର୍ମଚାରୀମାନେ ବାଲିରେ ଗାତ ଖୋଳି ପୋତି ଦେଉଛନ୍ତି। କଇଁଛ ମରିବା ସମ୍ପର୍କରେ ବନାଞ୍ଚଳ ଅଧିକାରୀ ରଞ୍ଜନ ମିଶ୍ର କୁହନ୍ତି, ଆମେ ଯଥା ସମ୍ଭବ ପାଟ୍ରୋଲିଂ ଓ ସୁରକ୍ଷା ସମ୍ପର୍କରେ ସତର୍କତା ଅବଲମ୍ବନ କରୁଛୁ। ତଥାପି କଇଁଛ ମରୁଛନ୍ତି। ଚଳିତ ବର୍ଷ ବ୍ୟବଚ୍ଛେଦ ରିପୋର୍ଟ ଆସି ନ ଥିବାରୁ କାରଣ ଜଣାପଡ଼ିନାହିଁ।



ବେଳାଭୂମିରେ ମରି ପଡ଼ିଥିବା ଅଲିଭ ରିଡେଲକୁ କୁକୁର ଖଉଛନ୍ତି।

**ଜିଲ୍ଲା କାର୍ଯ୍ୟାଳୟ, ଢେଙ୍କାନାଳ**
**(ଦେବୋତ୍ତର ବିଭାଗ)**

ନିଲାମ ଇସ୍ତାହାର ସଂଖ୍ୟା ୫୫୦ / ତାରିଖ ତା୧୬।୦୨।୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ମାନ୍ୟବର ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ ଢେଙ୍କାନାଳ ଦେବୋତ୍ତର ବିଭାଗ ଅଧୀନସ୍ଥ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଥିବା ଏକମାତ୍ର ଭୋଗ ଦୋକାନକୁ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଆସନ୍ତା ତା୨୦।୦୩।୨୦୨୪ରିଖ ଦିବା ଘ.୧୨.୩୦ ମିନିଟ୍ ସମୟରେ ନିଲାମ କରାଯିବ। ଭୋଗ ଦୋକାନର ସର୍ବନିମ୍ନ ମୂଲ୍ୟ ଟ୪୮,୮୪,୨୦୦/- (ଅଠଚାଳିଶ ଲକ୍ଷ ଚଉରାଅଶୀ ହଜାର ଦୁଇଶହ ଟଙ୍କା) ମାତ୍ର ସ୍ଥିର କରାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଏଥିନିମନ୍ତେ ଟ୪,୮୮,୪୨୦/- (ଚାରିଲକ୍ଷ ଅଠାଅଶୀ ହଜାର ଚାରିଶହ କୋଡ଼ିଏ ଟଙ୍କା) ମାତ୍ରର ଅମାନତ ବାବଦକୁ ଅର୍ଥ Executive Officer, Debottar, Dhenkanalଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପ୍ରସ୍ତୁତ କରି ସର୍ତ୍ତାବଳୀ ଅନୁଯାୟୀ ଉପରୋକ୍ତ ଦିବସର ଦିବା ଘ.୧୦.୩୦ ମିନିଟ୍‌ଠାରୁ ଦିବା ୧୨ ଘଣ୍ଟା ସମୟ ମଧ୍ୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ଦାଖଲକରି ନିଲାମରେ ଅଂଶ ଗ୍ରହଣ କରିପାରିବେ। ଅମାନତ ଅର୍ଥ ଦାଖଲ କରିଥିବା ବ୍ୟକ୍ତି ନିଲାମ ସମୟରେ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ତା୨୦।୦୩।୨୦୨୪ରିଖରେ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଗଲା।

ସର୍ବନିମ୍ନ ମୂଲ୍ୟଠାରୁ କମ୍ ଜଉମୁଦ ନିଲାମ ଦାଖଲ ଦେଇଥିବା ବ୍ୟକ୍ତିଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯିବ। ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ନିଲାମ ଅନୁମୋଦନ କରାଯିବ। ସର୍ବୋଚ୍ଚ ନିଲାମଧାରୀ ସେହିଦିନ ଅର୍ଥାତ ତା୨୦।୦୩।୨୦୨୪ରିଖ ଦିନ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ନିଲାମ ଡାକିଥିବା ସମସ୍ତ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦାଖଲ ଦେବେ। ନଚେତ ତାଙ୍କର ଅମାନତ ଅର୍ଥ ବାଜ୍ୟାପ୍ତି କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ।

ଏପରି କ୍ଷେତ୍ରରେ ଦ୍ୱିତୀୟ ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ସର୍ତ୍ତାବଳୀ ଅନୁଯାୟୀ ସୁଯୋଗ ଦିଆଯାଇପାରେ। କୌଣସି କାରଣ ନ ଦର୍ଶାଇ ନିଲାମ ଖାରଜ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କର ରହିଛି। ଆଗ୍ରହୀ ବ୍ୟକ୍ତି ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ନିଲାମ ସମ୍ବନ୍ଧୀୟ ସମସ୍ତ କାଗଜାତ ଟ.୫୦୦/- (ପାଞ୍ଚଶହ ଟଙ୍କା) ମାତ୍ର ଦାଖଲ ଦେଇ ଯେ କୌଣସି କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଦେବୋତ୍ତର କାର୍ଯ୍ୟାଳୟ, ଢେଙ୍କାନାଳରୁ ପାଇପାରିବେ।

ଓଡ଼ିଶା ହିନ୍ଦୁ ଦେବୋତ୍ତର ଆୟୁକ୍ତ, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./- ନିର୍ବାହୀ ଅଧିକାରୀ, ଦେବୋତ୍ତର, ଢେଙ୍କାନାଳ

